## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

**ବଡ଼ବିଲ,୩୦।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଶ୍ରୀରାମ ନଗର ଅଞ୍ଚଳରେ ରହୁଥିବା ସୋନାଲ ଗୁପ୍ତା(୨୫) ନାମ୍ନୀ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ତାଙ୍କ ସ୍ୱାମୀ ଅମିତ ଗୁପ୍ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ସୋମବାର ସକାଳେ ସୋନାଲଙ୍କ ଝୁଲନ୍ତା ମୃତଦେହ ରୋଷେଇ ଘରୁ ଉଦ୍ଧାର ହୋଇଥିଲା। ସେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ସ୍ୱାମୀ ଅମିତ ଯୌତୁକ ଜନିତ ନିର୍ଯାତନା ଦେବା ସହ ହତ୍ୟା କରିଥିବା ନେଇ ସୋନାଲଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା(ନଂ.୧୫୧/୨୩) ରୁଜୁ ହୋଇଛି।

### ଗଛକଟାକୁ ନେଇ ଥାନାରେ ମାମଲା

**ମୋରଡ଼ା,୩୦।୫(ଡି.ଏନ.ଏ.):** ବେଆଇନ ଭାବେ ଗଛ କଟାକୁ ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଗଡିଗାଁ ପଞ୍ଚାୟତ ଫୁଲବାଡ଼ିଆ ଗ୍ରାମର ସୁବାସଚନ୍ଦ୍ର ମହାନ୍ତଙ୍କର ବାପା ଉମାକାନ୍ତ ମହାନ୍ତଙ୍କ ନାମରେ ଥିବା ଏକ ଜମିରୁ ବେତନାସିଆ ଗ୍ରାମର ମନୋରଞ୍ଜନ ମହାନ୍ତ ବାହାର ଲୋକଙ୍କୁ ଆଣି ବିନା ଅନୁମତିରେ ୫ଟି ମୂଲ୍ୟବାନ ଶାଳ ଗଛ କାଟି ନେଇଛନ୍ତି। ଏନେଇ ସୁବାସ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୯/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ଶ୍ରୀରାମପୁରରେ ନାଟକ ଉଦ୍‌ଘାଟିତ

**ବାହାନଗା, ୩୦।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ଯୁବକମାନଙ୍କ ଦ୍ୱାରା ସାମାଜିକ ନାଟକ 'ଲୁହରେ ଲେଖୁଛି ନୂଆ କାହାଣୀ' ଅନୁଷ୍ଠିତ ହୋଇଛି। ଏହାକୁ ପୂର୍ବତନ ସରପଞ୍ଚ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କାର୍ତ୍ତିକେଶ୍ୱର ବାରିକ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଯାତ୍ରା ନିର୍ଦ୍ଦେଶକ ତାଳକୁରୁଣିଆ ଗ୍ରାମର ଯୋଗଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ଉପଦେଷ୍ଟା କ୍ଷୀତିଶ୍ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### କର୍ମକାଣ୍ଡବିତ୍ ନାରାୟଣ ଦାଶଙ୍କ ପରଲୋକ



**ପାଟଣା,୩୦।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଦୁର୍ଗାଦେଇପୁର ଶାସନର କର୍ମକାଣ୍ଡବିତ୍ ଶାସ୍ତ୍ରଜ୍ଞ ପଣ୍ଡିତ ନାରାୟଣ ଦାଶ(୮୫)ଙ୍କ ସୋମବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ରବିବାର ସେ ଅସୁସ୍ଥ ଅନୁଭବ କରିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ଯୁଗଳ, ୨ ଝିଅ ଜ୍ୱାଇଁ, ନାତି ନାତୁଣୀ, ପୁତୁରା, ଝିଆରୀଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ନାରାୟଣ ପାଟଣା ମୁଖ୍ୟାଳୟ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବେ ଅବସର ନେବା ପରେ ବିଭିନ୍ନ ସାମାଜିକ ଓ ଧର୍ମୀୟ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ଇଂ. ବିଦ୍ୟାଧର ଦାଶ, ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ପଣ୍ଡିତ ମଧୁସୂଦନ ଦ୍ୱିବେଦୀ, ଅଲେଖ ଚନ୍ଦ୍ର ତ୍ରିପାଠୀ, ବିଜେଡି ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ଆଇନଜୀବୀ ରାହସ ବିହାରୀ ପୃଷ୍ଟି, ସାମାଜିକ କର୍ମୀ ଅଜୟ ଦାଶ, ପର୍ଶୁରାମ ପଣ୍ଡା, କଂଗ୍ରେସ ନେତା ଇଂ. ବିନୋଦ ବିହାରୀ ନାୟକ, ଭାଜପା ନେତା ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

---

#### ଅବ୍ୟବସ୍ଥାରେ ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର

# ୧୦ ବଦଳରେ ୨ ଡାକ୍ତର

**ରାଇବଣିଆ, ୩୦।୫**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଆଦିବାସୀ ଅଞ୍ଚଳରେ ଥିବା ୩୦ଶଯ୍ୟା ବିଶିଷ୍ଟ ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଠାରେ ୧୦ ସ୍ଥାନରେ ଅଛନ୍ତି ମାତ୍ର ୨ ଡାକ୍ତର। ଏହାର ଅଧୀନରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓଲମରା, ଶାଳବଣୀ, ଖୁଆଡ଼, ଶିଖରପୁର ରହିଛି। କୌଣସି ବି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନାହାନ୍ତି। ଫଳରେ ସାଧାରଣ ରୋଗ ହେଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଧାଇଁ ଆସିଥାନ୍ତି। ଏଠାରେ ମଧ୍ୟ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମାତ୍ର ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୭ ବର୍ଷ ହେଲାଣି ଭେଷଜ ବିଭାଗ, ଶିଶୁ ରୋଗ ବିଶେଷଜ୍ଞ, ଶଲ୍ୟ ଚିକିତ୍ସା ବିଭାଗ, ଜଣେ ଏମବିବିଏସ୍ ଡାକ୍ତର, ଜଣେ ହସ୍ପିଟାଲ ଇନଚାର୍ଜ, ଜଣେ ପ୍ରୋଗ୍ରାମିଂ ଇନଚାର୍ଜ ପଦବୀ, ୬ଜଣ ନର୍ସ ଓ ଏଏନ୍ଏମ୍ ପଦବୀ ଫାଙ୍କା ପଡ଼ିଛି। ଏହା ଉପରେ ପାଖାପାଖି ୧୪ ପଞ୍ଚାୟତର ଲୋକ ସହିତ ପଶ୍ଚିମବଙ୍ଗର ଲୋକ ମଧ୍ୟ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଏଠାକୁ ଶହେରୁ ଦୁଇ ଶହ ରୋଗୀ ଆସିଥାନ୍ତି। ଏହି ମେଡିକାଲ୍ ଉପରେ ପାଖାପାଖି ୧ ଲକ୍ଷ ଲୋକ ନିର୍ଭର କରନ୍ତି। ଏଠାରେ ବର୍ତ୍ତମାନ ୨ଟି ଆମ୍ବୁଲାନ୍ସ ରହିଛି। ଯାହାକି ଦୁଇଟିରେ ସେବା ଯୋଗାଇବାରେ ଅସମ୍ଭବ ହୋଇପଡ଼ିଛି। ଫଳରେ ଲୋକେ ବହୁତ ହଇରାଣ ହେଉଛନ୍ତି। ଯେକୌଣସି ଛୋଟ କାରଣ ହେଲେ ମଧ୍ୟ ୮୦ କି.ମି. ଦୂର ବାଲେଶ୍ୱରର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ତେଣୁ ତୁରନ୍ତ ଏଠାରେ ଏକ ମେଡିସିନ ବିଭାଗର ଡାକ୍ତର ସହିତ ଏବଂ ସମସ୍ତ ପଦବୀ ପୂରଣ କରାଯାଉ ବୋଲି ପୂର୍ବତନ ସମିତିସଭ୍ୟ ଦିଗାମ୍ବର ଦାସଙ୍କ ସହ ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏନେଇ ଆମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ସରକାର ଏନେଇ ଖୁବ୍ ତତ୍ପର। ଦରଖାସ୍ତ ଦିଆଯାଇଛି, ଖୁବ୍‌ଶୀଘ୍ର ଡାକ୍ତର ପଦବର ପୂରଣ ହେବ।



ହାତୀଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର।

# ଜୀବିତ ହିତାଧିକାରୀଙ୍କୁ ମୃତ ଘୋଷଣା


ଲବଙ୍ଗୀ ମହାନ୍ତ।

#### ବିଡିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ

**ମୋରଡ଼ା,୩୦।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଟୁକପଲାଶିଆ ଗ୍ରାମର ଜଣେ ମହିଳା ଜୀବିତ ଥିବା ବେଳେ ପଲ୍ଲୀସଭାରେ ତାଙ୍କୁ ମୃତ ଦର୍ଶାଇ ବିଜୁ ପକ୍କାଘର ପାଇବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସମ୍ପୃକ୍ତ ମହିଳା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଟୁକପଲାଶିଆ ଗ୍ରାମର ପଦ୍ମଲୋଚନ ମହାନ୍ତଙ୍କ ସ୍ତ୍ରୀ ଲବଙ୍ଗୀଙ୍କ ନାମରେ ସରକାରଙ୍କ ପକ୍ଷରୁ ବିଜୁ ପକ୍କାଘର ଆସିଥିଲା। ଏନେଇ ପଳାସମୁଣ୍ଡୁଳି ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ନୋଟିସ ବୋର୍ଡରେ ଦିଆଯାଇଥିବା ତାଲିକା(କ୍ରମାକ ନଂ.୬୩୭)ରେ ତାଙ୍କ ନାମ ମଧ୍ୟ ରହିଥିଲା। କିନ୍ତୁ ଗ୍ରାମରେ ହୋଇଥିବା ପଲ୍ଲୀସଭାରେ ଲବଙ୍ଗୀଙ୍କୁ ମୃତ ଘୋଷଣା କରାଯିବାରୁ ସେ ବିଜୁ ପକ୍କାଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିବା ସହ ଯଥାଶୀଘ୍ର ତାଙ୍କୁ ବାସଗୃହ ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

# ଗାଁ କଲ୍ୟାଣ ସମିତି ପାଣ୍ଠିରୁ ଟଙ୍କା ଆତ୍ମସାତ୍ ଅଭିଯୋଗ


ବିଡିଓଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

#### ବିଡିଓଙ୍କଠାରେ ଅଭିଯୋଗ

**ମୋରଡ଼ା,୩୦।୫ (ଡି.ଏନ.ଏ.)**

ଗାଁ କଲ୍ୟାଣ ସମିତି ପାଣ୍ଠିକୁ ଆସୁଥିବା ଟଙ୍କାକୁ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତ ଅନ୍ତର୍ଗତ ରେକଣା ଗ୍ରାମବାସୀ ସ୍ଥାନୀୟ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ରେକଣା ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଗାଁ କଲ୍ୟାଣ ସମିତି ପାଣ୍ଠିକୁ ବିଭିନ୍ନ ଯୋଜନା ପାଇଁ ସରକାରଙ୍କ ତରଫରୁ ଟଙ୍କା ଆସିଛି। ଅପପୁଷ୍ଟି ଦୂରୀକରଣ, କିଶୋର ବାଳିକା ବାଳକମାନଙ୍କର ସ୍ୱାସ୍ଥ୍ୟର ଯତ୍ନ, ଗ୍ରାମରେ ସ୍ୱଚ୍ଛତାର ବାର୍ତ୍ତା ଦେବା ଭଳି ବିଭିନ୍ନ ଯୋଜନା ପାଇଁ ଟଙ୍କା ଆସିଛି। ଏଥିପାଇଁ ଏକ ତଦାରଖ କମିଟି ମଧ୍ୟ ଗଠନ ହୋଇଛି। କିନ୍ତୁ ଅଙ୍ଗନୱାଡି କର୍ମୀ ତଦାରଖ କମିଟିରେ କୌଣସି ଗ୍ରାମବାସୀଙ୍କୁ ସାମିଲ କରାଇ ନାହାନ୍ତି। ଅଙ୍ଗନୱାଡି କର୍ମୀ ଉକ୍ତ ଟଙ୍କା ହଡ଼ପ କରିଛନ୍ତି ବୋଲି ଗ୍ରାମର ବିରଞ୍ଚି ଡାଙ୍ଗୁଆ, ଅଜୟ ଦେହୁରୀ, ପୁଷ୍ପଲତା ରାଉତ, ରଣଜିତ ରାଉତ, ହେମନ୍ତ ପାଳ, ସୁଜିତ ପାଳ ଏବଂ ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ପୂର୍ବରୁ ସିଡିପିଓଙ୍କୁ ଏବାବଦରେ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନେଇ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ମୋରଡା ବିଡିଓ ଜୟକୃଷ୍ଣ ପାତ୍ରଙ୍କଠାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ରଖିଛନ୍ତି।

#### ବଜ୍ରପାତରେ ମୃତ୍ୟୁର ୬ଦିନ ବିତିଲା

### ମିଳିନି ହରିଶ୍ଚନ୍ଦ୍ର ଯୋଜନା ଅର୍ଥ

**ଜଳେଶ୍ୱର, ୩୦।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସୁଗୋ ଗାଁର ବ୍ରଜଗୋପାଳ ଜେନାଙ୍କ ଏକମାତ୍ର ପୁଅ ସାଗର କୁମାର(୩୪)ଙ୍କ ବଜ୍ରପାତରେ ୬ଦିନ ପୂର୍ବେ ମୃତ୍ୟୁ ହୋଇଥିଲା। ଅଦ୍ୟାବଧି ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳି ନ ଥିବାରୁ ସିଆଇଟିୟୁର ସଦସ୍ୟ ଯାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ଦ୍ଦିଷ୍ଟ ସମୟରେ ସରକାରୀ ସହାୟତା ଯୋଗାଇ ଦିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ସାଗର ଭଉଣୀ ଘର ବସ୍ତା ଥାନା ଅଧୀନ ବେଲଗାଁକୁ ଯାଇଥିବା ବେଳେ ଗତ ୨୪ ତାରିଖ ଅପରାହ୍ନରେ ବଜ୍ରପାତରେ ପ୍ରାଣ ହରାଇଥିଲେ। ଶବଦାହ ପାଇଁ ନିଜ ଗାଁ ଶ୍ମଶାନକୁ ଅଣାଯାଇଥିଲେ ମଧ୍ୟ ସତ୍କାର ଲାଗି ପରିବାର ଲୋକେ କାଠ କରଜ କରି କିଣିଥିଲେ । ହରିଶ୍ଚନ୍ଦ୍ର ଯୋଜନାରେ ଅଦ୍ୟାବଧି ଅର୍ଥ ତାଙ୍କୁ ମିଳି ନ ଥିବା ପରିବାର ଲୋକଙ୍କ ସହିତ ସିଆଇଟିୟୁ ବ୍ଲକ ସମ୍ପାଦକ ପଲ୍ଟୁ ଦାସ, ଗଣେଶ ଜେନା, ମଦନ ମାହାଲି ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପ୍ରତିନିଧିଙ୍କୁ ପଚାରିବାରୁ ଆବଶ୍ୟକ ଦସ୍ତାବିଜ ମିଳି ନ ଥିବାରୁ ତାଙ୍କୁ ଅନ୍‌ଲାଇନ୍‌ରେ ଅର୍ଥରାଶି ପ୍ରଦାନ କରାଯିବା ସମ୍ଭବ ହୋଇନାହିଁ।

# ରଜ ପାଳିବେ ଉଭୟ ସମ୍ପ୍ରଦାୟ



ପ୍ରସ୍ତୁତି ବୈଠକରେ ରଜ ପାଳନ ନେଇ ଆଲୋଚନା କରାଯାଉଛି।

**ଧାମନଗର,୩୦।୫(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗରରେ ଚଳିତବର୍ଷ ରଜପର୍ବ ପାଳନ ପାଇଁ ସ୍ଥାନୀୟ ଅବଦୁଲ କଲାମ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ସମ୍ପ୍ରଦାୟ ମିଳିମିଶି ଏହି ପର୍ବ ପାଳନ କରିବାକୁ ଥିବାବେଳେ ଏମ୍‌ଡି ହବିବୁର ରହେମାନଙ୍କ ସଂଯୋଜନାରେ ଶତାଧିକ ବ୍ୟକ୍ତି ବୈଠକରେ ଯୋଗଦେଇ ମତାମତ ରଖିଥିଲେ। ନିଷ୍ପତ୍ତି ଅନୁଯାୟୀ କମିଟି ପକ୍ଷରୁ ଧାମନଗର ମେଡିକାଲ ବଜାର ନିକଟସ୍ଥ ମେଳଣ ପଡ଼ିଆରେ ତିନିଦିନ ଧୁମ୍‌ଧାମରେ ରଜ ପାଳନ କରାଯିବ। ଏନେଇ ୩୦ ଜଣିଆ ଏକ କମିଟି ଘୋଷଣା କରାଯାଇଛି। ସଭାପତି ଭାବେ କୈଳାସ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଏମ୍ ଡି ହବିବୁର ରହେମାନ, ଉପସଭାପତି ମୁନା ସାର, ସମ୍ପାଦକ ସୁଶାନ୍ତ କୁମାର ରାଉତ, ସହସମ୍ପାଦକ କୃଷ୍ଣଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ରଜତ କୁମାର ପଣ୍ଡା, ମିଡିଆ ସଂଯୋଜକ ଭାବେ ପ୍ରଦୀପ ମହାପାତ୍ର, ସରୋଜ ସେଠୀ ଓ ବିଜୟ ରାମ କମିଟିରେ ଅଛନ୍ତି।

# ଦେଶପ୍ରେମ ହିଁ ପ୍ରକୃତ ଶିକ୍ଷା

#### ମାଗୁଣି ଚରଣ ବାଳାଶ୍ରମର ବାର୍ଷିକ ସମାରୋହ

**ରୂପସା, ୩୦।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ମଥାନୀସ୍ଥିତ ମାଗୁଣିଚରଣ ବାଳାଶ୍ରମର ୪୬ତମ ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ଆଶ୍ରମ ସମ୍ପାଦକ ପ୍ରତାପଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବାଳାଶ୍ରମର ସଭାପତି ବିଜୟ କୁମାର ସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ସିଡବ୍ଲୁସି ଚେୟାର ପର୍ସନ ଜଗଦୀଶ ଚନ୍ଦ୍ର ଘଡ଼େଇ ଓ ମୁଖ୍ୟବକ୍ତା ପୂର୍ବତନ ସିଡବ୍ଲୁସି ଭାଗିରଥି ବାରିକ ଯୋଗଦେଇ ଦେଶପ୍ରେମ ଓ ଜାତିପ୍ରୀତି ହିଁ ପ୍ରକୃତ ଶିକ୍ଷା ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଡବ୍ଲୁସି ପଦ୍ମଲୋଚନ ଦତ୍ତ, ଜିଲା ଶିଶୁମଙ୍ଗଳ ଅଧିକାରୀ ସ୍ୱାଗତିକା ଦାସ କର, ଆଶିଷ କୁମାର ଘୋଷ, ଜିଲା ପରିଷଦ ସଦସ୍ୟା ଦେବିକା ସୋରେନ ଓ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ରାମଶଙ୍କର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୫୩ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଆଶ୍ରମ ଅଧକ୍ଷ ଡ. ହରିହର ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। ଉପଦେଷ୍ଟା ବିଜୟନୀ ରାଜ, ସସ୍ମିତା ଜେନା, ସସ୍ମିତା ରାଉତ, ସରୋଜ କୁମାର ମହାନ୍ତି, ବୈଶାଳୀ ମହାନ୍ତି, ଆକାଉଣ୍ଟାଣ୍ଟ ମିନାକ୍ଷି ଜେନା, ଡ. ପ୍ରସନ୍ନ କୁମାର ସେନାପତି, କୁମାର ପ୍ରଦୀପ ବାରିକ, ପ୍ରଭାତ ବେହେରା, ଐଶର୍ଯ୍ୟ ବେହେରା, ଓମ୍ ପ୍ରକାଶ ଆଇଚ, କାଜଲ ଘଡେଇ, ଫୁଲମଣୀ ଗିରି, ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶେଷରେ କାହ୍ନୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଥାନା ଆଗରେ ଧାରଣା ଦେବ ଭାଜପା

**ଧାମନଗର, ୩୦।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ଶାସକ ଦଳର ହାତବାରିସୀ ସାଜି ମିଛ ମାମଲା ରୁଜୁ କରିଥିବା ବେଳେ ଦୋବଲ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ଜଣେ ମହିଳାଙ୍କୁ ଅସଦାଚରଣ କରିବା ମାମଲାରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହାର ପ୍ରତିବାଦରେ ବୁଧବାର ଭାଜପା ପକ୍ଷରୁ ଧାମନଗର ଥାନା ସମ୍ମୁଖରେ ଧାରଣା ଦିଆଯିବ। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ଧାମନଗର ଅଧିକାରୀଙ୍କୁ ଭେଟିଛନ୍ତି। ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀଙ୍କୁ ସରପଞ୍ଚ ମାଡ଼ ମାରିଥିବା ନେଇ ମିଥ୍ୟା ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇଛି। କିନ୍ତୁ ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ଅସଦାଚରଣ ମାମଲାରେ ପୋଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଭାଜପା ନେତା ଅଶୋକ ପୁହାଣ ପ୍ରଶ୍ନ ଉଠାଇଛନ୍ତି।

# ଜନ ବିରୋଧୀ ନୀତି ପ୍ରତିବାଦରେ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ସିପିଆଇର କାର୍ଯ୍ୟକର୍ତ୍ତା।

**ଚମ୍ପୁଆ,୩୦।୫(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନିତି ପ୍ରତିବାଦରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ଚମ୍ପୁଆ ସଦର ମହକୁମାରେ ଏକ ବିଶାଳ ପଦଯାତ୍ରା ଓ ପଥ ପ୍ରାନ୍ତସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଅଭୟ ସାହୁ ଓ ଜିଲା ସମ୍ପାଦକ ବିଦ୍ୟାଧର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସମର୍ଥକମାନେ ଏକ ଶୋଭାଯାତ୍ରାରେ ବ୍ଲକ ଛକରୁ ବାହାରି ଚମ୍ପୁଆ ସହର ପରିକ୍ରମା କରିବା ସହିତ ଗାନ୍ଧିଛକଠାରେ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସରକାରଙ୍କ ଶ୍ରମିକ ବିରୋଧୀ ଆଇନ ଓ ଜନମାରଣ ନିତି ବିରୋଧରେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ମାଧ୍ୟମରେ ମାତ୍ରାଧିକ ଦରଦାମ ବୃଦ୍ଧି, ଦଖଲ ଜମିର ପଟ୍ଟା ପ୍ରଦାନ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାକୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ନିର୍ମାଣ ଶ୍ରମିକମାନଙ୍କ ପ୍ରାପ୍ୟ ପ୍ରଦାନ କରିବା, ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣା କରିବା, ଧାନର ସହାୟକ ମୂଲ୍ୟକୁ ୩୫ଶହ ଟଙ୍କାକୁ ବୃଦ୍ଧି କରିବା, କୃଷି ଋଣ ଛାଡ କରିବା, ଚମ୍ପୁଆରେ ବାଇପାସ୍ ନିର୍ମାଣ କରିବା ସହିତ ଚମ୍ପୁଆ ଡାକ୍ତରଖାନାରେ ଅଭାବି ଡାକ୍ତର ଓ ନର୍ସ ପଦବୀ ତୁରନ୍ତ ପୂରଣ କରିବା ଆଦି ସ୍ଲୋଗାନ ମାନ ଦେଇ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଦ୍ରୁ ଜାମା, କପିଳ ମହାନ୍ତ, ଶ୍ରୀହରି ଘଣା, ବାଗିରା ଚାତାର ପ୍ରମୁଖ ପଦଯାତ୍ରାକୁ ପରିଚାଳନା କରିଥିଲେ।

# ତମାଖୁ ସଚେତନତା କର୍ମଶାଳା

**ବାଲେଶ୍ୱର ଅଫିସ, ୩୦।୫**

ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ ହଲ୍ ପରିସରରେ ଯୁବବର୍ଗଙ୍କୁ ସୁସ୍ଥ ରଖିବା ନିମନ୍ତେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ସେମାନଙ୍କୁ ସଚେତନ କରିବା ପାଇଁ ପିକକ୍ ସଙ୍ଗଠନ ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ସଂକ୍ରମଣ ରୋଗ ବିଶେଷଜ୍ଞ ଡା. ଅରୂପ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ମଧ୍ୟରେ ତମାଖୁସେବନ ବନ୍ଦ କରିବା ପାଇଁ ଶିକ୍ଷାଦାନ, ତମାଖୁ ସାମଗ୍ରୀ ପ୍ରବେଶ ଉପରେ କଟକଣା, ଅଧିକ ଟିକସ ଲାଗୁ ଓ ଜନ ସଚେତନତା ସୃଷ୍ଟି କରିବାର ଅଛି ବୋଲି କହିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଏନ୍‌ସିଡି ମୌସୁମୀ ସାମଲ, ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣୀକାନ୍ତ ଭଞ୍ଜ ପ୍ରମୁଖ ତମାଖୁ ସେବନଜନିତ ରୋଗ ଓ ଏହାର ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପିକକ୍‌ର ସଂଯୋଜକ ସତ୍ୟବ୍ରତ ରଥ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାରୁ ୨୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ରାଣୀତାଲ କେନାଲବନ୍ଧ କାମ ନିମ୍ନମାନର ଅଭିଯୋଗ

**ଭଦ୍ରକ ଅଫିସ, ୩୦।୫**

ଭଦ୍ରକ ସାଳନ୍ଦୀ ଜଳସେଚନ ବିଭାଗ ଅଧୀନ ରାଣୀତାଲ କେନାଲର ବାମପାର୍ଶ୍ୱରେ ଆର୍‌ଡି ୦୧.୫୦ କିଲୋମିଟରରୁ ୧୦.୫୦ କିଲୋମିଟର ପର୍ଯ୍ୟନ୍ତ ୪ କୋଟି ୨୯ ଲକ୍ଷ ୩୭ହଜାର ୫୧୦ଟଙ୍କା, ସେହି କେନାଲର ଆର୍‌ଡି ୧୦.୫୦ କି.ମି.ଠାରୁ ୧୩ କି.ମି. ଏବଂ ଏହି କାର୍ଯ୍ୟ ସହ କେଶପୁର-ରମ୍ଭିଳା ସଂଲଗ୍ନ ମୁରୁଣାମାଇନର ପର୍ଯ୍ୟନ୍ତ ୪ କୋଟି ୪ ଲକ୍ଷ ୩୭ ହଜାର ୭୩୭ ଟଙ୍କାରେ କେନାଲ ବନ୍ଧ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। କେନାଲବନ୍ଧ କାମ ନିମ୍ନମାନର କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପୁରୁଣା ପିଚୁକୁ ସମ୍ପୂର୍ଣ୍ଣ ବାହାର କରି ରାସ୍ତାକୁ ଖୋଳି ତା' ଉପରେ ୭୦ ପ୍ରତିଶତ ମେଟାଲ ସହ ୩୦ ପ୍ରତିଶତ ଡଷ୍ଟ ଗୋଳାଇ ରୁଲିଂ କରାଯିବା କଥା। କିନ୍ତୁ ଓଲଟା ୩୦ ପ୍ରତିଶତ ମେଟାଲ ବ୍ୟବହାର କରି ତାହା ଉପରେ ଡଷ୍ଟ ପକାଯାଇଛି। ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ବାହାରୁ ମାଟି ଆଣି ପକାଇବା ବଦଳରେ ରାସ୍ତାପାର୍ଶ୍ୱରୁ ମାଟି ତାଡ଼ି ପକାଯାଉଛି ବୋଲି ସ୍ଥାନୀୟ ଅଧିବାସୀ କାଳନ୍ଦୀ ବେହେରା, ମହେନ୍ଦ୍ର ମହାନ୍ତି, ଶଙ୍କର୍ଷଣ ବାରିକ, ଶାନ୍ତନୁ ମିଶ୍ର, ପ୍ରଦୀପ ହଜାରୀ, ସଚ୍ଚିଦାନନ୍ଦ ମହାପାତ୍ର, ଦିଲୀପ ବାରିକ, ସୀତାଂଶୁ ଶେଖର ବିଶ୍ୱାଳ ପ୍ରମୁଖ କାର୍ଯ୍ୟସ୍ଥଳକୁ ଆସିଥିବା ଏସ୍‌ଡିଓ ଦଶରଥ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସାଳନ୍ଦୀ ଜଳସେଚନ ବିଭାଗ କାର୍ଯ୍ୟ କରୁଥିବା ବେଳେ ଫଳକ ଲଗାଯାଇ ନ ଥିବାରୁ କାର୍ଯ୍ୟ ବିଷୟରେ ଠିକ୍ ତଥ୍ୟ ଜଣାପଡୁନାହିଁ। ଦୁଇମାସ ହେଲା କାମ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖ କରିବାକୁ ଆସୁ ନ ଥିବା ସେମାନେ କହିଛନ୍ତି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମକୁ ଠିକାଦାର ଠିକ୍ ଭାବେ ନ କଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ସାମଲଙ୍କୁ ପଚାରିବାରୁ କାମ ଠିକ୍ ଚାଲୁଛି ଓ କ୍ୱାଲିଟି କଣ୍ଟ୍ରୋଲ ବିଭାଗ କାର୍ଯ୍ୟକୁ ଠିକ୍ ତଦାରଖ କରୁଛି ବୋଲି କହିଛନ୍ତି।


ନିର୍ମାଣାଧୀନ କେନାଲବନ୍ଧ ରାସ୍ତା।

**ଡମ୍ଫର ଧକ୍କାରେ ବାଇକ୍ ଆରୋହୀ ମୃତ**

ବେତନଟୀ,(ଡି.ଏନ.ଏ.): ବେତନଟୀ ଥାନା ଖମାରୀ ଗ୍ରାମ ନିକଟରେ ସୋମବାର ଏକ ବାଲି ବୋଝେଇ ଡମ୍ଫର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିରଞ୍ଜନ ମହାନ୍ତ। ନିରଞ୍ଜନ ତାଙ୍କ ପୁଅ ଗୁଣନିଧି ସହିତ ବାଇକ୍ ଯୋଗେ ବେତନଟୀରୁ ଘରକୁ ଫେରୁଥିଲା ବେଳେ ରାସ୍ତାକଡ଼ରେ ଛିଡା ହୋଇଥିଲେ। ଏହି ସମୟରେ ଡମ୍ଫର ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବେତନଟୀ ପୋଲିସ ଏକ ମାମଲା(ନଂ. ୨୦୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୨ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

ବାରିପଦା ଅଫିସ,୩୦।୫: ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ୨ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ କାଦୁଆଣି ଗ୍ରାମର ମାଷ୍ଟର ହେମ୍ବ୍ରମ(୩୩) ଓ ତପନ କୁମାର ମୁର୍ମୁ(୩୪)। ସୂଚନା ଅନୁଯାୟୀ, ୨୦୧୬ ଫେବୃୟାରୀ ୫ରେ ନାବାଳିକା ଜଣକ ଘରେ ଏକୁଟିଆ ଥିବା ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଘର ପଛପଟକୁ ଟେକିନେଇ ଗଣବଳାତ୍କାର କରିଥିଲେ। ପରିବାର ଲୋକେ ଘରକୁ ଆସିବା ପରେ ପୀଡିତା ଘଟଣା ବାବଦରେ ଜଣାଇଥିଲେ। ପରେ ପରିବାର ଲୋକେ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ପୋକ୍‌ସୋ କୋର୍ଟରେ ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ଯାନବାହନ ଯାଞ୍ଚ: ଜରିମାନା ଆଦାୟ

ସୋର, ୩୦।୫(ଡି.ଏନ.ଏ.): ସୋର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଜରିମାନା କରାଯାଇଛି। ବାଲେଶ୍ୱର ଜିଲା ପରିବହନ ଅଧିକାରୀ ଦେବାଶିଷ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ସୋର ପୋଲିସ ସହାୟତାରେ ଯାଞ୍ଚ କରିଥିଲା। ଯାଞ୍ଚବେଳେ ମୋଟ୍ ୨୨ଟି ଚାଲାଣ କଟାଯାଇଥିବା ବେଳେ ୧ଲକ୍ଷ ୯୮ହଜାର ଟଙ୍କାର ଚାଲାଣ କଟାଯାଇଥିବା ପରିବହନ ଅଧିକାରୀ ମଲିକ ସୂଚନା ଦେଇଛନ୍ତି। ପରିବହନ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ସୋର ଥାନା ଏଏସ୍‌ଆଇ ସବ୍ୟସାଚୀ ମହାନ୍ତି, ସମୀର ବେହେରା ସାମିଲ ଥିଲେ।

# ପିଆରଏମ୍ ମେଡିକାଲରେ ବର୍ଷାପାଣି

ବାରିପଦା ଅଫିସ,୩୦।୫

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଡ୍ରେନେଜ ସମସ୍ୟା ପାଇଁ ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି। ଅସରାଏ ବର୍ଷାରେ ମେଡିକାଲ ପରିସରରେ ଜଳାଶୟ ଭ୍ରମ ସୃଷ୍ଟି ହେଉଛି। ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। ରୋଗୀଙ୍କୁ ନେବା ଆଣିବାରେ ଅସୁବିଧା ପରିଲକ୍ଷିତ ହେଉଛି। ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହେଉଛି।

ମଙ୍ଗଳବାର ଅପରାହ୍ନରେ ବର୍ଷା ପବନ ହୋଇଥିଲା। ପିଆର୍‌ଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନାର ସାତ ମହଲାକୁ ଯିବାଆସିବା ରାସ୍ତା ଜଳମୟ


ମେଡିକାଲ ପରିସରରେ ଜମି ରହିଥିବା ବର୍ଷାପାଣିରେ ପଶି ଲୋକେ ଯିବା ଆସିବା କରୁଛନ୍ତି।

ହୋଇ ପଡ଼ିଥିଲା। ଡାକ୍ତରଖାନାର ପାଣି ରାସ୍ତା ଉପରେ ଜମା ହେବାରୁ ଲୋକେ ଚଳପ୍ରଚଳ କରିବାରେ ହଇରାଣ ହରକତ ହୋଇଥିଲେ। ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଉକ୍ତ ରାସ୍ତା ଉପରେ ଟିଣର ଛପର ନିର୍ମାଣ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଡ୍ରେନକୁ ପାଣି ନିଷ୍କାସନ ହେଉ ନ ଥିବାରୁ ଜମା ହୋଇ ରହୁଛି। ଏପରିକି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ନିକଟକୁ ପାଣି ମାଡ଼ି ଯିବା ଦ୍ୱାରା ୱାର୍ଡଗୁଡ଼ିକ ଅପରିଷ୍କାର ହେଉଥିବା ନେଇ ରୋଗୀଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷ ସମସ୍ୟା ସମ୍ପର୍କରେ ଅବଗତ ଥାଇ ମଧ୍ୟ କୋଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଥିବା ବେଳେ ଏପରି ଅବ୍ୟବସ୍ଥାକୁ ଲୋକେ ନାପସନ୍ଦ କରୁଛନ୍ତି। ଏ ସଂକ୍ରାନ୍ତରେ କୋଣସି ଅଧିକାରୀ ମୁହଁ ଖୋଲୁ ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

balasoreselfie@gmail.com


@ ଶିବଶଙ୍କର


@ ଶୁଭକାନ୍ତ


@ ମାନସ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଉଦ୍‌ଘାଟନ ହେଲା ଗଣ୍ଡିବେଡ ସବ୍‌ପୋଷ୍ଟ ଅଫିସ

**୪ ପଞ୍ଚାୟତବାସୀଙ୍କ ସ୍ୱପ୍ନ ପୂରଣ**


ଅତିଥିମାନେ ସବ୍‌ପୋଷ୍ଟ ଅଫିସ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୩୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡଠାରେ ସବ୍‌ପୋଷ୍ଟ ଅଫିସ ଜିଲା ଅଧୀକ୍ଷକ ଜୟନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ସମ୍ପାଦକ ଠାକୁର ରଞ୍ଜିତ ଦାସ, ଆବାହକ ଅଭିରାମ ମହାପାତ୍ର, ସରପଞ୍ଚ ବନିତା ପ୍ରଧାନ, ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବରୁ ଏହା ଏକ ଶାଖା ପୋଷ୍ଟ ଅଫିସ ଥିବା ବେଳେ ଏହାକୁ ସବପୋଷ୍ଟ ଅଫିସ ପାଇଁ ମୁକୁନ୍ଦ ପ୍ରସାଦ ସ୍ମୃତି କମିଟି ତରଫରୁ ଦାବି ହୋଇ ଆସୁଥିଲା । ରାଜ୍ୟ ଭାଜପା ମୁଖପାତ୍ର ତଥା ଠାକୁର ଦାସଙ୍କ ଉଦ୍ୟମ ପରେ ଏହି ଶାଖା ପୋଷ୍ଟ ଅଫିସ ସବପୋଷ୍ଟ ଅଫିସ(୭୫୬୦୫୦)ର ମାନ୍ୟତା ମିଳିଥିଲା। ଏଥିଯୋଗୁ ଗଣ୍ଡିବେଡବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି । ଏହି ସବ୍‌ପୋଷ୍ଟ ଅଫିସ ଅଧୀନରେ ଆସୁଥିବା ଶ୍ୟାମସୁନ୍ଦରପୁର, ଅଚ୍ୟୁତପୁର, କୁରୁଣ୍ଟା ଓ ନନ୍ଦୁର ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ। ସେହିଭଳି ଗୋଳିହାଠାରେ ଓ ଖଇରା ମହାବିଦ୍ୟାଳୟ ପରିସରରେ ୨ଟି ଡାକଘର ଖୋଲିବା ପାଇଁ ପ୍ରସ୍ତାବ ରହିଥିବା ଅଧୀକ୍ଷକ ଦାସ ସୂଚନା ଦେଇଛନ୍ତି । ବହୁଦିନ ପରେ ସବପୋଷ୍ଟ ଅଫିସର ମାନ୍ୟତା ମିଳିଥିବାରୁ ଗଣ୍ଡିବେଡବାସୀ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନୁମୋଦନ ପାଇଁ ସହଯୋଗ କରୁଥିବା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

**ବିଷ ଇଞ୍ଜେକ୍ସନ ଦେବା ଘଟଣା**

## ଶିଶୁକନ୍ୟା କଟକ ମେଡିକାଲ ସ୍ଥାନାନ୍ତର

ନୀଳଗିରି, ୩୦।୫(ସ୍ୱ.ପ୍ର.)

କନ୍ୟା ସନ୍ତାନ ଚାହୁଁ ନ ଥିବା ବାଲେଶ୍ୱର ଜିଲା ମଲିକାଶପୁର ଅଞ୍ଚଳର ଚନ୍ଦନ ମହାଣ୍ଡ଼ି ସୋମବାର ନୀଳଗିରି ସିଙ୍ଗିରି ଅଞ୍ଚଳସ୍ଥିତ ଶ୍ୱଶୁର ଘରେ ନିଜର ୨୦ ଦିନର ଶିଶୁକନ୍ୟା ଦେହରେ ବିଷ ଇଞ୍ଜେକଶନ ଦେଇ ମାରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁକନ୍ୟାର ଅବସ୍ଥା ସଙ୍କଟାପନ୍ନ ହେବାରୁ ମଙ୍ଗଳବାର ପୂର୍ବାହ୍ନରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶିଶୁକନ୍ୟାର ଅଜା ଭାଗିରଥି ସିଂହଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ କରି ବାପା ଚନ୍ଦନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଶିଶୁକନ୍ୟା ତାଙ୍କର ନୁହେଁ ବୋଲି ଏପରି କାର୍ଯ୍ୟ କରିଛନ୍ତି ବୋଲି ଚନ୍ଦନ ପୋଲିସ ଆଗରେ କହିଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। କିନ୍ତୁ ଶିଶୁକନ୍ୟାଙ୍କ ମା' ସ୍ୱାମୀଙ୍କ ବୟାନକୁ ଖଣ୍ଡନ କରିଛନ୍ତି।

# ୧ରୁ ସରସଦା ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ଭଣ୍ଡାରିପୋଖରୀ, ୩୦।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ଆସନ୍ତା ଜୁନ୍ ୧ରୁ ତିନିଦିନ ଧରି ସମାରୋହ ଅନୁଷ୍ଠିତ ହେବ। ବିଶିଷ୍ଟ ଅତିଥିମାନେ ଯୋଗଦେବାକୁ ଥିବାବେଳେ ପାରମ୍ପରିକ ନୃତ୍ୟଗୀତ, ପୂଜ୍ୟପୂଜାର ସ୍ମୃତି ଓ ସମ୍ମାନ କାର୍ଯ୍ୟକ୍ରମ ସମ୍ପର୍କରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତଙ୍କ ଅଧ୍ୟକ୍ଷତାରେ ଆହୂତ ଏହି ସମ୍ମିଳନୀରେ ବିଦ୍ୟାଳୟର ପୁରାତନ ଛାତ୍ର ପୀତାମ୍ବର ନାୟକ, ଶିକ୍ଷାବିତ୍ ନଟବର ରାଉଳ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ନିର୍ମଳ କର, ଅଧ୍ୟାପକ ଭରତ ଚନ୍ଦ୍ର କରଣ, ସରପଞ୍ଚ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସମାରୋହ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ସାମଲ, ନୃସିଂହ ସ୍ୱାଇଁ, ଅଶୋକ ନାୟକ, ପ୍ରତାପ ନାୟକ, ରାମଚନ୍ଦ୍ର ସେନାପତି, ଦେବେନ୍ଦ୍ର ଷେଣ୍ଢ, କିଶୋର ଷେଣ୍ଢ, ଅକ୍ଷୟ ଜେନା, ସୁବାସ ନନ୍ଦ ପ୍ରମୁଖ ମତ ରଖିଥିଲେ। ସହକାରୀ ଶିକ୍ଷକ ଜୟପ୍ରକାଶ ସ୍ୱାଇଁ ଆଭିମୁଖ୍ୟ ପ୍ରଦାନ କରିଥିଲେ।



ଖବରଦାତା ସମ୍ମିଳନୀରେ ସମାରୋହ ସମ୍ପର୍କରେ ସୂଚନା ଦିଆଯାଉଛି।

# ଏନ୍‌ସିସି ନାଭାଲ ୟୁନିଟ୍ ପକ୍ଷରୁ ରାଜ୍ୟସ୍ତରୀୟ ତାଲିମ


ଅତିଥି ଓ ଅଫିସରମାନଙ୍କ ଗହଣରେ ସମ୍ମାନିତ କୃତୀ କ୍ୟାଡେଟସ୍।

ସିମୁଳିଆ, ୩୦।୫(ଡି.ଏନ.ଏ.)

ଦେଶର ପ୍ରତିରକ୍ଷା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ପାଇଁ ଏନ୍‌ସିସି ନାଭାଲ (ଜଳ ବାହିନୀ) ୟୁନିଟ୍ ଭଦ୍ରକ ଦ୍ୱାରା ରାଜ୍ୟସ୍ତରୀୟ ୧୦ଦିନିଆ ତାଲିମ ଶିବିର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ମାର୍କୋଣାର ରଘୁନାରାୟଣ ହାଇସ୍କୁଲ ପରିସର ବିଜୁପଟ୍ଟନାୟକ ମିନିଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ନାଭାଲ ୟୁନିଟ୍ ଥିବା ବିଭିନ୍ନ ସ୍କୁଲ ଓ କଲେଜରୁ ୬ଶହ କ୍ୟାଡେଟ ଏଥିରେ ଯୋଗ ଦେଇଥିଲେ। ଗତ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ବିଭିନ୍ନ ଶାରୀରିକ ବ୍ୟାୟାମ, ଶାନ୍ତିଶୃଙ୍ଖଳା, ପ୍ରତିରକ୍ଷା ତାଲିମ ସମେତ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ରଚନା ଲିଖନ, ମନୋରଞ୍ଜନ ନୃତ୍ୟ, କୁଇଜ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍କୁଲ ଓ କଲେଜର ଏନ୍‌ସିସି ଅଫିସରମାନେ ତାଲିମ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ସୋମବାର ସନ୍ଧ୍ୟାରେ ନାଭାଲ ୟୁନିଟ୍ ଭଦ୍ରକର କମାଣ୍ଡିଙ୍ଗ ଅଫିସର କ୍ୟାପଟେନ୍ ଅମୀୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ରୂପେ ସିମୁଳିଆ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥି ରୂପେ ରଘୁନାରାୟଣ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି, ଅନୁଶିକ୍ଷା ସହ-ଅଧିକାରୀ ଗଦାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାଡେଟ୍‌ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଖାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

ଆନନ୍ଦପୁର,୩୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ପଦ୍ମପୁର ଗ୍ରାମର ଜଣେ ଯୁବକ ମଙ୍ଗଳବାର ମଧ୍ୟାହ୍ନରେ ୨୫ ଫୁଟ ଗଭୀର ଏକ ଖାଲରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ସେହି ଗ୍ରାମର ଧୀର ବେହେରାଙ୍କ ପୁଅ ଅଭିମନ୍ୟୁ(୨୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ୍ ପକ୍ଷରୁ ବାମପାର୍ଶ୍ୱ କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ପଦ୍ମପୁର ନିକଟରେ କମ୍ପାନୀ ପକ୍ଷରୁ କେନାଲ ପାର୍ଶ୍ୱରେ କୌଣସି କାରଣରୁ ଏକ ଖାଲ ଖୋଳାଯାଇଛି। ଏହି ଖାଲର ଗଭୀରତା ପାଖାପାଖି ୨୫ ଫୁଟରୁ ଅଧିକ ହେବ। ମଙ୍ଗଳବାର ମଧ୍ୟାହ୍ନରେ ଅଭିମନ୍ୟୁ ଖାଲରୁ ପାଣି ଆଣି ନିକଟସ୍ଥ ଚରାଭୁଇଁରେ ଚରୁଥିବା ଗାଈମାନଙ୍କୁ ଦେବାକୁ ଯାଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ନିକଟସ୍ଥ ଚାଷଜମିରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ସନ୍ଦେହ ହେବାରୁ ସେ ଘଟଣାସ୍ଥଳରେ ପହଞ୍ଚି ଅଭିମନ୍ୟୁ ପାଣିରେ ବୁଡିଯାଇଥିବା ଆଶଙ୍କା କରି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଗ୍ରାମର କେତେକ ଯୁବକ ସେଠାରେ ପହଞ୍ଚି ପାଣିରୁ ଅଭିମନ୍ୟୁଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପରେ ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ବେପରୁଆ ଭାବେ ଖାଲ ଖୋଳି ଖୋଲାମେଲା ଛାଡିଦେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।


ମୃତଦେହ ଉଦ୍ଧାର ବେଳେ ଲୋକଙ୍କ ଭିଡ଼।

# ଦିନରେ ପ୍ରଶାସନ, ରାତିରେ ବଜାର କମିଟି-ବିସ୍ଥାପିତ ବ୍ୟବସାୟୀଙ୍କ ବୈଠକ

**ଔପଦା ବଜାର ପୁନର୍ଗଠନ ପ୍ରସଙ୍ଗ**

ଔପଦା, ୩୦।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଔପଦା ବଜାରକୁ ଗତ ୨୦୧୫ରେ ରାଜସ୍ୱ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଥିବା ବେଳେ ଦୀର୍ଘ ୮ବର୍ଷ ପରେ ବଜାର ପୁନର୍ଗଠନ ପାଇଁ ଦିନରେ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କର ବୈଠକ ବସିବା ପରେ ରାତିରେ ବଜାର କମିଟି ଏବଂ ବିସ୍ଥାପିତ ବ୍ୟବସାୟୀଙ୍କର ବୈଠକ ବସିଥିଲା। ଦିନରେ ତଳକିଆ ପଞ୍ଚାୟତ ସଭା ଗୃହରେ ବିଡିଓ ଅଭିଷେକ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ନାୟକ, ଜିଲାପରିଷଦ ସଭ୍ୟା ମୁନିସିଂ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁ, ନୀଳଗିରି ଆର୍‌ଏମ୍‌ସି ସମ୍ପାଦକ ସୁକାନ୍ତ ପାତ୍ର, ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟା ଉଷାରାଣୀ ନାୟକଙ୍କ ସମେତ ବ୍ୟବସାୟୀମାନେ ବୈଠକରେ ଉପସ୍ଥିତ ରହି ବଜାର ପୁନର୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକରେ ଔପଦାରେ ଥିବା ବଜାର କମିଟି ନିଷ୍ପତ୍ତିକୁ ଗୁରୁତ୍ୱ ଦେବା ସହ ବିସ୍ଥାପିତମାନଙ୍କୁ ମୁଖ୍ୟତଃ ଅଗ୍ରାଧିକାର ଦେବା ବିସ୍ଥାପିତଙ୍କ ପକ୍ଷରୁ ହାଇକୋର୍ଟରେ ଥିବା ବିଚାରାଧୀନ ମାମଲାକୁ ପ୍ରତ୍ୟାହାର କରିବା ଏବଂ ବିସ୍ଥାପିତ ହୋଇ ବେସାହାରା ହୋଇ ପଡ଼ିଥିବା ବ୍ୟବସାୟୀଙ୍କୁ ପ୍ରଥମେ ଗୃହ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁ ନିଷ୍ପତ୍ତି ପରେ ଆର୍‌ଏମ୍‌ସି ପକ୍ଷରୁ ଗୃହ ନିର୍ମାଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି। ପରେ ରାତି ୮ଟାରେ ବଜାର କମିଟି ଓ ବିସ୍ଥାପିତ ଦୋକାନୀଙ୍କ ମଧ୍ୟରେ ସ୍ଥାନୀୟ ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ବୈଠକ ବସିଥିଲା। ବୈଠକରେ ଦୋକାନୀମାନେ ସହଯୋଗ କରିବା ସହ ବିସ୍ଥାପିତ ଦୋକାନୀଙ୍କୁ ଚିହ୍ନଟ ପରି ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା ହୋଇଥିଲା।


ଔପଦା ବଜାର ପୁନର୍ଗଠନ ପାଇଁ ବୈଠକ।

# ସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ହାତୀପଲଙ୍କ ଉପଦ୍ରବ

**ଛୁଆହାତୀକୁ ଉଦ୍ଧାର ପାଇଁ ପାଚେରି ଭାଙ୍ଗିଲେ**

କେନ୍ଦୁଝର, ୩୦।୫ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ପୁରୁଣା ସହର ସିଦ୍ଧମଠ ପରିସରରେ ସିଦ୍ଧ ଜଗନ୍ନାଥ ମନ୍ଦିର ପାଚେରି ଭାଙ୍ଗି ଦେଇଛନ୍ତି ହାତୀପଲ। ମଙ୍ଗଳବାର ଭୋରରେ ମଠ ପରିସରରେ ଥିବା ପାଚିଲା ପଣସ ଖାଇବାକୁ ଏକ ଛୁଆହାତୀ ଭିତରକୁ ଯାଇଥିବା ବେଳେ ତାକୁ ଉଦ୍ଧାର ପାଇଁ ହାତୀପଲ ପଶିଥିଲେ। ପାଚେରି ଭାଙ୍ଗିଯାଇଥିବା ବେଳେ କାହାରି କିଛି କ୍ଷତି ହୋଇ ନ ଥିବା ପୂଜକ କହିଛନ୍ତି।

ସିଦ୍ଧମଠ ଜଙ୍ଗଲରେ କିଛିଦିନ ହେଲା ତିନି ଛୁଆହାତୀକୁ ମିଶାଇ ୬ଟି ହାତୀ ବୁଲୁଛନ୍ତି। ସୋମବାର ବିଳମ୍ବିତ ରାତିରେ ହାତୀପଲ ସିଦ୍ଧମଠ ଅଞ୍ଚଳକୁ ଓହ୍ଲାଇ ଆସିଥିଲେ। ମଙ୍ଗଳବାର ଭୋରରେ ମନ୍ଦିର ପ୍ରାଙ୍ଗଣରେ ଥିବା



ପଣସ ଗଛରୁ ପାଚିଲା ପଣସ ଖାଇବାକୁ ଏକ ଛୁଆହାତୀ ପାଚେରିକୁ ଅଧା ଭାଙ୍ଗି ଭିତରକୁ ଡେଇଁ ପଶିଯାଇଥିଲା। ସେ ଆଉ ବାହାରି ନ ପାରିବାରୁ ଦଳରେ ଥିବା ଅନ୍ୟ ହାତୀମାନେ ପାଚେରି ଚାରିପାଖେ ବୁଲି ଭାଙ୍ଗିଥିଲେ। କେତୋଟି ହାତୀ ଭିତରକୁ ପଶି ଛୁଆହାତୀକୁ ଟେକି ପାଚେରି ପାର୍ କରିବା ପରେ ବାହାରେ ଥବା ଅନ୍ୟ ହାତୀ ତାକୁ ଧରି ଚାଲିଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଭୋଗ ଦୋକାନୀ ହାଡ଼ିବନ୍ଧୁ ପ୍ରଧାନ କହିଛନ୍ତି। ସେଠାରୁ ବାହାରି ହାତୀପଲ ନିକଟରେ ଥିବା ପୋଡାଉଆସ ସାହି ମୁହାଁ ହେବାରୁ କର୍ମଚାରୀମାନେ ଘଉଡ଼ାଇ ଦେଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସେବାୟତ ହରିହର ପାଢ଼ୀ କହିଛନ୍ତି, ୧୨/୧୩ ଦିନ ହେଲା ହାତୀପଲ ଏହି ଅଞ୍ଚଳରେ ବୁଲୁଥିବାରୁ ଭୟରେ ରାତିରେ ଏଠାରେ କେହି ରହୁ ନାହାନ୍ତି। ଖବରପାଇ ଆସି ହାତୀପଲ ପାଚେରି, ଗଛ ଓ ପାତାଳି କ୍ଷେତ୍ର ଭାଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ବନ ବିଭାଗ ପକ୍ଷରୁ ଆସି ଘଟଣାର ଅନୁଧ୍ୟାନ କରାଯାଇଛି। ଛଅଟିକିଆ ହାତୀପଲ କିଛିଦିନ ହେଲା ବୁଲୁଛନ୍ତି। ଘଉଡ଼ାଇ ଦେବା ଫଳରେ ହାତୀପଲ ଏବେ ପାଖ ରେଞ୍ଜ୍‌ର ସିଦ୍ଧମଠ ପାହାଡ଼କୁ ପଳାଇ ଯାଇଛନ୍ତି। ଅନ୍ୟ କୌଣସି କାହାରି କ୍ଷତି ହୋଇ ନାହିଁ ବୋଲି ରେଞ୍ଜ୍ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି।

